# ନିର୍ବାହୀ ସାରାଂଶ

## ବାଲାପାଡୁ କ୍ୱାର୍ଜ ଏବଂ କ୍ୱାର୍ଜାଇଟ ଖଣିର ଖନନ ନିମନ୍ତେ ଦୃତ ପରିବେଶୀୟ ଆକଳନ ଓ ପରିବେଶ ପରିଚାଳନା ଯୋଜନା

୫୫.୩୯୪ ହେକ୍ଟର /

**ଗ୍ରାମ:** ବାଲାପାଡୁ

**ତହସିଲ୍ :** ରାୟଗଡ଼ା

**ଜିଲ୍ଲା :** ରାୟଗଡ଼ା

**ରାଜ୍ୟ :** ଓଡିଶା

**ପ୍ରସ୍ତୁତ କର୍ତ୍ତା**

# ଗ୍ରୀନ ସର୍କଲ, ଆଇ.ଏନ୍.ସି

ନାବେଟ/ଇଆଇଏ/୨୪-୨୭/ଆଇଏ୦୧୩୮

ଭଦୋଦରା – ୩୯୦୦୨୧; ଗୁଜରାଟ

# ନିର୍ବାହୀ ସାରାଂଶ

## ଉପକ୍ରମ

୧.୦ ଏହି ନିର୍ବାହି ସାରାଂଶଟି ଓଡ଼ିଶାର ରାୟଗଡ଼ା ଜିଲ୍ଲାର ବାଲାପାଡୁ ଗ୍ରାମ ର ୫୫.୩୯୪ ହେକ୍ଟର ର କ୍ୱାର୍ଜ ଏବଂ କ୍ୱାର୍ଜାଇଟ ଖଣିରୁ ଉତ୍ପାଦନ ନିମନ୍ତେ ଲିଖିତ ପରିବେଶ ସଂଘାତ ଆକଳନ ଓ ପରିବେଶ ପରିଚାଳନା ଯୋଜନାର ସଂକ୍ଷିପ୍ତ ବିବରଣୀ ଅଟେ ।

### (କ) ପ୍ରକଳ୍ପ ର ବର୍ଣ୍ଣନା

ପ୍ରକଳ୍ପର ନାମ – ବାଲାପାଡୁ କ୍ୱାର୍ଜ ଏବଂ କ୍ୱାର୍ଜାଇଟ

ଉତ୍ପାଦନର ନାମ – ଘର ନିର୍ମାଣ

ଖଦନ ପ୍ରକ୍ରିୟା – ସେମି ମେକାନାଇଜ୍‌ଡ୍ ଓପନ୍ କାଷ୍ଟ ମାଇନିଂ

ଉତ୍ପାଦନ ସଂଖ୍ୟା- ୫୪୫୦୦ (Cum) / ବର୍ଷକୁ

| କ୍ରମିକ ନମ୍ବର | ବିଷୟବସ୍ତୁ | ବିବରଣୀ |
|---|---|---|
| ୧. | ପଟ୍ଟା ଅଂଚଳ | ୫୫.୩୯୪ ହେକ୍ଟର |
| ୨. | ଗ୍ରାମ | ଛାଲାପାଡୁ |
| ୩. | ତହସିଲ୍ | ରାୟଗଡ଼ା |
| ୪. | ଜିଲ୍ଲା | ରାୟଗଡ଼ା |
| ୫. | ରାଜ୍ୟ | ଓଡ଼ିଶା |
| ୬. | ଜମିର କିସମ | ଅଣଚାଷୋପଯୋଗୀ ଜମି |
| ୭. | ଟପୋସିଟ୍ ନମ୍ବର | ୬୫ଏମ୍/୮ |
| ୮. | ନିକଟତମ ସହର | ରାୟଗଡ଼ା-୮କି.ମି |
| ୯. | ନିକଟତମ ସଡ଼କ | ରାଜ୍ୟ ରାଜାପଥ - SH-4-(୧୩ କି.ମି) |
| ୧୦. | ରେଳ ଷ୍ଟେସନ୍ | ଲାଡା-୧୦.୨ କି.ମି. |

### (ଖ) ପାରିବେଶିକ ଦୃଷ୍ଟିକୋଣ :-

ସମ୍ଭାବ୍ୟ ପ୍ରଦୂଷଣ - ପ୍ରସ୍ତାବିତ ଖଣି ଖନନ ଯୋଗୁଁ ଭୂମି ଅବକ୍ଷୟ, ଭାସମାନ ଧୂଳିକଣା, ମୃତ୍ତିକା କ୍ଷୟ ପ୍ରଭୃତି ମୁଖ୍ୟ ଭାବରେ ପ୍ରଦୂଷଣର କାରଣ ବୋଲି ଆଶା କରାଯାଏ ।

ପରିବେଶୀୟ ପ୍ରଭାବ – ଖଣି ଚାରିପଟେ ବାୟୁ ଓ ଭୂମି ପରିବେଶ ଉପରେ ସାମନ୍ୟ କୁ ପ୍ରଭାବ ପଡ଼ିବ ନାହିଁ ଯାହାକି ପରେ ମାନବୀୟ, ସାମାଜିକ ଓ ଅର୍ଥନୈତିକ ଲାଭଜନକ ଯୋଜନା ଦ୍ୱାରା କ୍ଷତିପୂରଣ ହୋଇପାରିବ ।

**ଉପକ୍ରମ :**

ବାଲାପାଡୁ କ୍ୱାର୍ଜ ଏବଂ କ୍ୱାଜାଇଟ୍ ଖଣି ବାଲାପାଡୁ ଗ୍ରାମର ଆଧିପତୀ ଶାସନରେ ଆସୁଅଛି । ଏହି ଖଣି ଗ୍ରାମ ବାଲାପାଡୁ, ଜିଲ୍ଲା- ରାୟଗଡ଼ା, ଓଡ଼ିଶାର ୫୫.୩୯୪ ହେକ୍ଟର ପରିମିତ ପଟା ଅଂଚଳରେ ଅବସ୍ଥିତ । ଓଡ଼ିଶା ସରକାରଙ୍କ ଭୂବିଜ୍ଞାନର ନିର୍ଦ୍ଦେଶକ ଦ୍ୱାରା ପତ୍ର ସଂଖ୍ୟା III(G)SM-15/06-6451/SM ତାରିଖ ୨୫.୦୭.୨୦୦୭ ଦିନ ଖଣି ଖନନ ଯୋଜନା ପାଇଁ ମଞ୍ଜୁରି ଦିଆଯାଇଥିଲା । ବାଲାପାଡୁ ଖଣି ପଟା ଆକାରରେ ଦିଆଯାଇଥିବା ଖଣି ଖନନ ପାଇଁ ଭାରତ ସରାକରଙ୍କ ପରିବେଶ ସଂଘାତ ଆକଳନ ଓ ପରିବେଶ ପରିଚାଳନା ନିର୍ଦ୍ଧେଶନାମା, ୨୦୦୬ ଅନୁଯାୟୀ ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟର ଅନୁମତି ଆବଶ୍ୟକ । ଏହି ପରିବେଶ ସଂଘାତ ଆକଳନ ଓ ପରିଚାଳନା ଯୋଜନା ପ୍ରସ୍ତୁତ କରାଯାଇଅଛି ।

ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟ ଠାରୁ ପରିବେଶୀୟ ଅନୁମୋଦନ ଲାଭ କରିବା ଲକ୍ଷ୍ୟରେ ପଟ୍ଟାଧାରୀ ବାଳକୃଷ୍ଣ ପାଢ଼ୀ, ଗ୍ରୀନ୍ ସର୍କଲ୍ ଆରଏନ୍ସି, ଗୁଜୁରାଟ ଦ୍ରୁତ ପରିବେଶ ସଂଘାତ ଆକଳନ / ପରିବେଶ ପରିଚାଳନା ଯୋଜନା ପ୍ରସ୍ତୁତ କରିବାର ଦାୟିତ୍ୱ ଅର୍ପଣ କରିଛନ୍ତି । ଦ୍ରୁତ ପରିବେଶ ସଂଘାତ ଆକଳନ / ପରିବେଶ ପରିଚାଳନା ଯୋଜନା ରିପୋର୍ଟ ପ୍ରସ୍ତୁତ କରିବା ପାଇଁ ଗ୍ରୀନ୍ ସର୍କଲ, ଆଏନ୍ସି ୨୦୨୨ ଡିସେମ୍ବର ମସିହାଠାରୁ ୨୦୨୩ ଫେବୃଆରୀ ମାସରେ ସମସ୍ତ ମୂଳତଥ୍ୟ ଏକାଠି କରି ଏହି ରିପୋର୍ଟ ପ୍ରସ୍ତୁତ କରିଛନ୍ତି ।

## ୨.୦ ପ୍ରକଳ୍ପର ସଂକ୍ଷିପ୍ତ ବିବରଣୀ :-

ବାଲାପାଡୁ କ୍ୱାର୍ଜ ଏବଂ କ୍ୱାଜାଇଟ୍ ଖଣି ଓଡ଼ିଶାର ରାୟଗଡ଼ା ଜିଲ୍ଲାର ବାଲାପାଡୁ ଗ୍ରାମରେ ଅବସ୍ଥିତ । ଏହି ଲିକ୍ଷିତ କ୍ଷେତ୍ର ବାଲାପାଡୁ ଅଂଚଳରେ ପ୍ରତିନିଧିତ୍ୱ କରୁଅଛି । ଏହି ପାହାଡର ଉଚ୍ଚତମ

ଉଚ୍ଚତା ୫୦ ଏସ୍.ଏସ୍.ଏଲ୍. ଏବଂ କ୍ଷୁଦ୍ରତମ ଉଚ୍ଚତା ସମୁଦ୍ର ପତନର ୪୦ ମି. । ଏହି ଖଣି ଅଂଚଳରେ କିଛି ବନସ୍ପତି ଏବଂ ମାନ ନିପଟଣ ନାହିଁ ।

କ୍ୱାର୍ଜ ଏବଂ କ୍ୱାଜାଇଟ୍ (ଘର ନିର୍ମାଣ ପାଇଁ) ଭୁବିଜ୍ଞାନ ଭଣ୍ଡାର (ସମ୍ଭାବିତ ଏବଂ ସମ୍ଭବ) ୭୭୯୬୮୮୦ ଘନ ମି. କ୍ୱାର୍ଜ ଏବଂ କ୍ୱାଜାଇଟ୍ ଖଣି ରୁ ଅନୁମାନିକ କରାଯାଇଅଛି । ୭.୫ମି. ସୁରକ୍ଷା କ୍ଷେତ୍ର ଅବରୋଧ କୁ ଛାଡି ମାଇନେବଲ ରିଜର୍ଭ ମଧ ଭୁବିଜ୍ଞାନ ଭଣ୍ଡାର ଭଳି ଆନୁମାନିକ ଧାର୍ଯ୍ୟ କରାଯାଇଛି । ଖନନ ଯୋଗ୍ୟ ଭଣ୍ଡାର (ସମ୍ଭାବିତ / ପ୍ରମାଣିତ) ୭୭୯୬୮୮୦ ଘନ ମି. ଖଣିରୁ ଅନୁମାନିକ କରାଯାଇଅଛି ।

ଖଣି ଖନନ ଓପନ୍ କାଷ୍ଟ୍ ସେମି ମେକାନାଇଜଡ୍ ପଦ୍ଧତିରେ ହେବ । କ୍ୱାର୍ଜ ଏବଂ କ୍ୱାଜାଇଟ୍ ଗୁଡ଼ିକୁ ଧରିବା / ସମ୍ଭାଳିବା ପାଇଁ ଖୁଦାଇ ଏବଂ ହାତରେ କରାଯିବ । କ୍ୱାର୍ଜ ଏବଂ କ୍ୱାଜାଇଟ୍ ଗୁଡ଼ିକର ଢ଼ଳେଇ / ଢ଼ିଳାପଣ ବ୍ଲାଷ୍ଟିଙ୍ଗ୍ ଦ୍ୱାରା କରାଯିବ । ଅଧିକରୁ ଅଧିକ ୫୮,୦୦ ଘନ. ମି. ର ଘର ନିର୍ମାଣ ପାଇଁ / ନିର୍ଦ୍ଧାରଣ କରାଯିବ । ଯୋଜନା ଅବଧିର ଆଉ ପରବର୍ତ୍ତୀ ୫ ବର୍ଷ ପରେ ଉପେକ୍ଷିତ ଉତ୍ପାଦନ ର ସ୍ତର ନିମ୍ନରେ ଥିବା ଟେବୁଲ୍ ତାଲିକାରେ ଦର୍ଶାଯାଇଅଛି ।

**ପରବର୍ତ୍ତୀ ୫ ବର୍ଷରେ ଧାର୍ଯ୍ୟ କରାଯାଇଥିବା ଉତ୍ପାଦନର ଲକ୍ଷ୍ୟ**

| **ବର୍ଷ** | ଇାଲାପାଡୁ କ୍ୱାର୍ଜ ଏବଂ କ୍ୱାଜାଇଟ୍ **ଖଣି (ଘନ.ମି.)ରେ** |
|---|---|
| ୧ମ | ୪୧୦୦୦ |
| ୨ୟ | ୪୫୦୦୦ |
| ୩ୟ | ୫୦୦୦୦ |
| ୪ର୍ଥ | ୫୪୦୦୦ |
| **ସମୁଦାୟ** | **୧୯୦୦୦୦** |

ପ୍ରସ୍ତାବିତ କ୍ୱାର୍ଜ ଏବଂ କ୍ୱାଜାଇଟ୍ ଖଣିରେ ୧୦୦ ଜଣ ଲୋକଙ୍କ ପାଇଁ ନିଯୁକ୍ତିର ସୁଯୋଗ ରହିବ । ସେଥିମଧ୍ୟରୁ ୫ ଜଣ ପରିଚାଳକ ଓ ତତ୍ତ୍ୱାବଧାରକ ଭାବରେ ଏବଂ ଅବଶିଷ୍ଟ ୨୩ ଜଣ କୁଶଳୀ, ୨୮ ଜଣ ଅର୍ଦ୍ଧକୁଶଳୀ ଓ ୪୪ଜଣ ଅଣକୁଶଳୀ ଶ୍ରମିକ ଭାବରେ କାର୍ଯ୍ୟ କରିବେ ।

ଏହି ଖଣିରୁ ସାଧାରଣତଃ ମୃତ୍ତିକା ପଥର କଙ୍କଡ଼ ବର୍ଜ୍ୟବସ୍ତୁ ରୂପେ ବାହାରିଥାଏ । ଏହି ମୃତ୍ତିକା କୁ ଚିହ୍ନିତ କରାଯାଇଥିବା ମୃତ୍ତିକା ଘାଇରେ ରଖାଯିବ ଏବଂ ବୃକ୍ଷ ରୋପଣ ଉପଲକ୍ଷେ ଉପଯୋଗ କରାଯିବ ।

## ପରିବେଶର ବର୍ତ୍ତମାନ ସ୍ଥିତି :

ଖଣି ଖନନ କାର୍ଯ୍ୟ ପାଇଁ ପରିବେଶ ସଂପାତ ଆକଳନ କରିବା ଲକ୍ଷ୍ୟରେ ପ୍ରସ୍ତାବିତ ପ୍ରକଳ୍ପ ର କେନ୍ଦ୍ର ଓ ପାର୍ଶ୍ୱବର୍ତ୍ତୀ ଅଂଚଳ (୧୦ କି.ମି. ବ୍ୟାସାର୍ଦ୍ଧ)ର ପରିବେଶ ର ପ୍ରାଥମିକ ସ୍ତର ଉପରେ ତଥ୍ୟ ଗ୍ରହଣ କରିବା ପାଇଁ ଏକ ସ୍ୱଳ୍ପ ସାମୟିକ ସ୍ଥାନୀୟ କ୍ଷେତ୍ର ଅଧ୍ୟୟନ ୨୦୨୨ ମସିହା ଡିସେମ୍ବର ରୁ ୨୦୨୩ ଜାନୁୟାରୀ ଏବଂ ଫେବୃୟାରୀ ମାସରେ ମେସର୍ସ ଆର୍ଥ ଏଣ୍ଡ ଏନ୍‌ଭାଉରନ୍‌ମେଣ୍ଟ (NABL ସ୍ୱୀକୃତି ପ୍ରାପ୍ତ ପରୀକ୍ଷାଗାର) ଦ୍ୱାରା କରାଯାଇଥିଲା । ଏହି ଅଧ୍ୟୟନ ପ୍ରକଳ୍ପ କେନ୍ଦ୍ରରୁ ୧୦ କି.ମି. ବ୍ୟାସାର୍ଦ୍ଧ ମଧ୍ୟରେ ଅନୁଷ୍ଠିତ ହୋଇଥିଲା ।

ଏହି ଖଣି ଅଂଚଳ ରାୟଗଡ଼ା ଜିଲ୍ଲାର ବାଲାପାଡୁ ଗ୍ରାମରେ ଅବସ୍ଥିତ । ଏହା ୬୫ଏମ୍/୮ ଟୋପୋସିଟ୍‌ରେ ଦର୍ଶାଯାଇଅଛି । ଏହି ଅଂଚଳ ୧୯°୦୫'୫୬.୦୦" ଏନ୍ ରୁ ୧୯°୦୬'୦୭.୦୦"ଏନ୍ ଓ ୮୩°୨୨'୦୮.୦୦" ଇ ରୁ ୮୩°୨୨'୧୦.୦୦"ଇ ପୂର୍ବ ଦ୍ରାଘିମାରେ ଅବସ୍ଥିତ । ଏହି ଅଂଚଳ ରାୟଗଡ଼ା ଠାରୁ ୧୬ କି.ମି. ଦୂରତାରେ ଅବସ୍ଥିତ ।

ବର୍ଷାଦିନେ ଭୂତଳ ଜଳସ୍ତର ଭୂସ୍ତର ଠାରୁ ୫-୧୦ ମି. ଓ ଗ୍ରୀଷ୍ମ ଦିନରେ ୧୬ ମି. ନିମ୍ନରେ ରହିବ । ଏହା ଦ୍ୱାର ଭୂତଳ ଜଳସ୍ତର ଉପରେ କୌଣସି ପ୍ରଭାବ ପଡ଼ିବ ନାହିଁ ।

ଏହି ଅଂଚଳ ର ମୁଖ୍ୟ ଅବବାତନ୍ତ୍ର ଋଷିକୁଲ୍ୟା ନଦୀ ଦ୍ୱାରା ପରିଚାଳିତ । ଏହି ଖଣି ଅଂଚଳଟି ୫୪.୩୯୪ ହେକ୍ଟର ପରିବ୍ୟାପ୍ତ ଓ ମୁଖ୍ୟତଃ ପାହାଡ଼ିଆ ଜମିକୁ ନେଇ ସୃଷ୍ଟି । ଏହା କୌଣସି ଐତିହାସିକ ଓ ସାଂସ୍କୃତିକ ଦୃଷ୍ଟିକୋଣରୁ ଗୁରୁତ୍ୱପୂର୍ଣ୍ଣ ନୁହେଁ ।

ଅଧ୍ୟୟନ ଅଞ୍ଚଳ ଜମିର ପ୍ରକାର ଭେଦରୁ ଜଣାଯାଏ ଯେ, ଏଠାକାର ଜମିର ମୁଖ୍ୟ ବ୍ୟବହାରିକ ପ୍ରକାର ହେଉଛି ଚାଷପଯୋଗୀ ଜମି (୬୭.୭), ଜଙ୍ଗଲ ଜମି(୭.୬), ନଦୀ ଓ ଜଳାଶୟ ୟ(୦.୦୮) ଓ ପରତି ଭୂମି (୦.୦୭%) ।

ଏଠାକାର ଜଳବାୟୁ ଉଷ୍ଣ ଓ ଆର୍ଦ୍ର ଅଟେ। ଏଠାରେ ଗ୍ରୀଷ୍ମ ଋତୁ ଅତି ପ୍ରଖର ଅଟେ। ଏଠାରେ ମୁଖ୍ୟତଃ ୩ଟି ଋତୁ ଅନୁଭୂତ ହୋଇଥାଏ । ଗ୍ରୀଷ୍ମ ଋତୁ ମାର୍ଚ୍ଚମାସାରୁ ଆରମ୍ଭ ହୋଇଥାଏ ଓ ତାପମାତ୍ରା ବଢିବା ଆରମ୍ଭ ହୁଏ। ମେ ମାସ ସବୁଠାରୁ ଉତପ୍ତ ମାସ ଯେତେବେଳେ ଦିନର ହାରାହାରୀ ତାପମାତ୍ର ୪୫°C ହୋଇଥାଏ । ବର୍ଷାଋତୁ ଜୁନ୍ ମାସ ମଧ୍ୟଭାଗରୁ ସେପ୍ଟେମ୍ବର ମାସ ମଧ୍ୟଭାଗ ପର୍ଯ୍ୟନ୍ତ ଚାଲିଥାଏ ଓ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଦ୍ୱାରା ଏହି ସମୟରେ ବର୍ଷର ପ୍ରାୟ ୮୦% ବର୍ଷା ହୋଇଥାଏ । ପର୍ବ ପାର୍ବତ୍ୟ ଅଂଚଳରେ ରାଜ୍ୟର ଅନ୍ୟ ଅଂଚଳ ମାନଙ୍କ ଅପେକ୍ଷା ଅଧିକ ବର୍ଷା ହୋଇଥାଏ । ବର୍ଷା ଦିନ ପରେ ଦିନର ତାପମାଦ୍ରା କିଛି ମାତ୍ରାରେ ବଢିଥାଏ କିନ୍ତୁ ରାତିର ତାପମାତ୍ରା କମ୍ ରହିଥାଏ । ଶୀତ ଋତୁ ଡ଼ିସେମ୍ବର ରୁ ଫେବୃୟାରୀ ପର୍ଯ୍ୟନ୍ତ ଲାଗି ରହିଥାଏ । ଏହି ଜିଲ୍ଲାର ବାର୍ଷିକ ହାରାହାରି ବୃଷ୍ଟିପାତ ୧୪୪୪ ମି.ମି ଅଟେ ।

ପରିବେଷ୍ଟନୀ ବାୟୁର ଗୁଣବତା ପରୀକ୍ଷଣ ପାଇଁ ୧୦ ଟି ସ୍ଥାନରୁ ଅକ୍ଟୋବର ରୁ ଡ଼ିସେମ୍ବର ମାସ ପର୍ଯ୍ୟନ୍ତ ବାୟୁର ନମୁନା ସଂଗ୍ରହ କରାଯାଇଥିଲା । ଏହି ବାୟୁରେ ଭାସମାନ ପଦାର୍ଥର ମାତ୍ରା (ପି.ଏମ୍$_{୧୦}$)ର ମାତ୍ରା ୨୧.୧-୪୯.୧ ମାଇକ୍ରୋଗ୍ରାମ୍/ଘନ ମ, ସଲଫର ଡାଇଅକ୍ସାଇଡ଼ ୪.୪ ରୁ ୧୦.୪ ମାଇକ୍ରୋଗ୍ରାମ/ଘନ ମ. ରହିଛି । ଏହି ମାତ୍ରା କେନ୍ଦ୍ରିୟ ପ୍ରଦୂଷଣ ନିୟନ୍ତ୍ରଣ ପରିଷଦ ଦ୍ୱାରା ସ୍ବୀକୃତ ଜାତୀୟ ପୂପୃଷ୍ଠ ବାୟୁର ନିର୍ଦ୍ଧାରିତ ମାନାଙ୍କ ଠାରୁ ଯଥେଷ୍ଟ କମ୍ ରହିଛି । ଭାସମାନ ପଦାର୍ଥ, ଶ୍ୱାସନୀୟ ଭାସମାନ ପଦାର୍ଥ ଓ ସଲଫର ଡାଇଅକ୍ସଇଡ୍ ର ମାନାଙ୍କ ଗ୍ରାମାଂଚଳ ପାଇଁ ଯଥାକ୍ରମେ ୧୦୦ ମାଇକ୍ରୋଗ୍ରାମ୍/ଘନ.ଭି, ୬୦ ମାଇକ୍ରୋଗ୍ରାମ/ଘନ.ମି. ଓ ୮୦ ମାଇକ୍ରୋଗ୍ରାମ/ ଘନ.ମି. ଅଟେ ।

ଭୂପୃଷ୍ଠ ଜଳର ନମୁନା ୫ଟି ସ୍ଥାନରୁ ସଂଗ୍ରହ କରାଯାଇଥିଲା ଏବଂ ଏଥି ମଧ୍ୟରେ ନଦୀ, ନାଳ ଓ ପୋଖରୀ ର ଜଳ ଅନ୍ତର୍ଭୁକ୍ତ । ଏହି ଜଳର ପି.ଏଚ. ୬.୯ ରୁ ୭.୪ ଓ ଏହା ନିଷ୍କ୍ରିୟ ଅଟେ । ଏଥିରୁ ଜଣାଯାଏ ଯେ ଏହି ଜଳ ବିଶେଷ ଭାବରେ ଜୈବିକ ଭାବରେ ପ୍ରଦୂଷିତ ହୋଇନାହିଁ । ଏହି ଜଳର ଖାରତ୍ୱ ୨୪-୮୪ ମି.ଗ୍ରା/ଲି । ଏଥିରେ କପର, ଲେଡ୍, ନିକେଲ, ଭାନାଡ଼ିୟମ୍, କ୍ରୋମିୟମ, ସିୟାନାଇଡ୍, ଫ୍ଲୋରାଇଡ୍, ତୈଳ ଓ ଗ୍ରୀସ ଇତ୍ୟାଦି ନାହିଁ । ଭୂପୃଷ୍ଠ ଜଳର ପରୀକ୍ଷଣରୁ ଜଣାଯାଏ ଯେ,

ଏହି ଜଳର ସମସ୍ତ ଉପାଦାନ ନିର୍ଣ୍ଣାୟକ ମାନାଙ୍କ ମଧରେ ରହିଛି ଓ ଏହା ମନୁଷ୍ୟ, ପଶୁପକ୍ଷୀ ଓ କୃଷି କାର୍ଯ୍ୟରେ ବ୍ୟବହାର ପାଇଁ ଉପଯୋଗୀ ଅଟେ ।

ଭୁତଳ ଜଳର ନମୁନା ୫ଟି ସ୍ଥାନରୁ ସଂଗ୍ରହ କରାଯାଇଥିଲା । ଭୂତଳ ଜଳର ପରୀକ୍ଷଣ ର ଫଳାଫଳ ରୁ ଜଣାଯାଏ ଯେ ଏହି ଜଳର ପି.ଏଚ୍. ୬.୯ ରୁ ୭.୮ ଏହା ନିଷ୍କ୍ରିୟ ଅଟେ । ଏହାର କ୍ଷାରତା ୨୮-୧୯୬ ମି.ଗ୍ରା./ଲି., ଦ୍ରବିଭୂତ କଠିନ ପଦାର୍ଥ ର ମାତ୍ରା ୪୪ ରୁ ୩୬୦ ମି.ଗ୍ରା/ଲି ଅଟେ । ଭୂତଳ ଓ ଭୂପୃଷ୍ଠ ଜଳର ପରିକ୍ଷଣର ସବିଶେଷ ବିବରଣୀ ପରିବେଶ ସଂଘାତ ଆକଳନ ଓ ପରିଚାଳନା ଯୋଜନା ର ତୃତୀୟ ଅଧ୍ୟାୟରେ ଦିଆଯାଇଛି । ଭୂତଳ ଜଳର ପରୀକ୍ଷଣ ର ଫଳାଫଳ ରୁ ଜଣାଯାଏ ଯେ ଏହି ଜଳ ପାନୀୟ ଉପଯୋଗୀ ଅଟେ ।

ଏହି ଅଂଚଳର ପରିବେଷ୍ଟନୀ ଧ୍ୱନିର ମାତ୍ରା ନିର୍ଦ୍ଧାରିତ ମାନାଙ୍କ ମଧରେ ରହିଛି । ୫ଟି ନମୂନା ସଂଗ୍ରହ କେନ୍ଦ୍ରରେ ଧ୍ୱନୀର ମାତ୍ରା ଆକଳନ କରାଯାଇଥିଲା । ପ୍ରକଳ୍ପ ଅଂଚ଼ଳରେ ଧ୍ୱନୀର ମାତ୍ରା ଦିନ ସମୟରେ ୫୨.୨ ଡ଼େସିମେଲ ଓ ରାତ୍ର ସମୟରେ ୪୪.୯ ଡ଼େସିବେଲ ରେକର୍ଡ଼ କରାଯାଇଛି, ଯାହାକି ଅନୁମୋଦିତ ମାତ୍ରା ମଧରେ ରହିଛି ।

ଅଧ୍ୟୟନ ର ୫ କି.ମି. ବ୍ୟାସାର୍ଦ୍ଧ ମଧରେ ମୃର୍ତ୍ତିକାର ନମୂନା ୫୦ ସେ.ମି. ଗଭୀରତାରୁ ୪ଟି ସ୍ଥାନରୁ ସଂଗ୍ରହ କରାଯାଇଥିଲା । ଏହାର ଉପଲବ୍ଧ ନାଇଟ୍ରୋଜେନ ର ମାତ୍ରା ୩୭୯-୬୧୨ ଗ୍ରାମ/କେ.ଜି, ପଟାସିଅମ ର ପରିମାଣ <୦.୦୦୨-୦.୦୧୧ଏମ.ଜି/ଗ୍ରାମ । ମୃତିକା ପରୀକ୍ଷଣର ଫଳାଫଳ ରୁ ଜଣାଯାଏ ଯେ ଏଠାକର ମୃର୍ତ୍ତିକା ମଧମ ଧରଣର ଉର୍ବର ।

ରାୟାଗଡ଼ାର ଜଳବାୟୁ, ମୃର୍ତ୍ତିକା, ଉଚ୍ଚତା ଇତ୍ୟାଦିରେ ବୈଷ୍ୟମତା ରହିଥିବାରୁ ଏଠାକାର ଜୈବ ବିବିଧତା ଅଧିକ । ଏହି ଅଂଚ଼ଳର ଜଙ୍ଗଲ ମୁଖ୍ୟତଃ ଗ୍ରୀଷ୍ମ ମଣ୍ଡଳୀୟ ଯାହାକି ଉଭୟ ଶୁଷ୍କ ଓ ଆଦ୍ର ଅଟେ । ଗ୍ରୀଷ୍ମ ଋତୁରେ ବୃକ୍ଷ ଗୁଡ଼ିକ ପତ୍ର ବିହୀନ ହୋଇଥାଏ । ଏହି ଅଂଚଳରେ ଶାଳ ଓ ଶାଗୁଆନ ମୁଖ୍ୟ ଭାବରେ ଦେଖାଯାଏ । ଏଠାକାର ମୁଖ୍ୟ ବୃକ୍ଷଗୁଡ଼ିକ ହେଲା - ଆମ୍ବ, ଚାର, ଭାଲିଆ, ଛତିଆନା, ତାଳ, ଶିମିଳି, କାଂଚନ, ତେନ୍ତୁଳି, ଅର୍ଜୁନ, କୁରୁମ, ଅଶନ, ପିଆଶାଳ, ଜାମୁ, ବାହାଡ଼ା, ଡାଉ, ଶଳପ, ଶିଶୁ, ପଳାଶ, ଶାଗୁଆନ୍, ବାଉଁଶ ଇତ୍ୟାଦି ।

ଏହି ଅଂଚଳର ପଶୁପକ୍ଷୀ ମାନଙ୍କର ସଂଖ୍ୟା ଓ ପ୍ରାକାର ଭେଦ ଜଙ୍ଗଲ ବିଭାଗ ଓ କ୍ଷେତ୍ର ଅନୁଧ୍ୟାନରୁ ସଂଗ୍ରହ କରାଯାଇଛି । ଏଠାକାର ପଶୁ ଗୁଡ଼ିକ ହେଲେ-ବାଦୁଡି, ଗୁଣ୍ଡୁଚି, ମୂଷଳ, ଶିଆଳ, ମାଙ୍କଡ଼, ନେଉଳ, ଠେକୁଆ, ବୃମଣା, ବୋଡ଼ା ଇତ୍ୟାଦି ଇତ୍ୟାଦି । ପକ୍ଷୀ ମାନଙ୍କ ମଧ୍ୟରେ କାଉ, ଘରଚଟିଆ, ମୈନା, ପାରା, ମାଛରଙ୍କା, କୋଇଲି ଇତ୍ୟାଦି ଅନ୍ୟତମ । ଜଳଚର ଜୀବ ମାନଙ୍କ ମଧ୍ୟରେ ପଲିକିଟି, ହେମିପ୍ଟରା, କୋଲିଓପ୍ଟରା, ପ୍ଲାନରିଆ, ହିରୁଡିନା, ଡ଼ିପ୍ଟେରା, ଓଲିଗୋକିଟି, ମଲ୍ୟୁସ୍କା ଇତ୍ୟାଦି ଅନ୍ୟତମ । ମାଛ ମାନଙ୍କ ମଧ୍ୟରେ ରୋହି, ଭାକୁର ଇତ୍ୟାଦି ମାଛ ଦେଖାଯାଆନ୍ତି ।

ଅଧ୍ୟୟନ ଅଂଚଳରେ ୧୦ଟି ଗ୍ରାମ ରହିଛି ଓ ଏଠାକାର ସମୁଦାୟ ଜନସଂଖ୍ୟା ୪୦୩୩୩ (୨୦୧୧ ଜନଗଣନା, ଓଡ଼ିଶା) ଓ ଘରସଂଖ୍ୟା ୧୦୫୭୯ । ସମୁଦାୟ ଜନସଂଖ୍ୟା ରୁ ୨୨୭୬୮ ଜଣ ପୁରୁଷ ଓ ୧୭୫୬୫ ଜଣ ମହିଳା ଅଟନ୍ତି । ଏହି ଅଂଚଳର ଜନସଂଖ୍ୟା  ମଧ୍ୟରୁ ୧୯% ତପସିଲ ଭୁକ୍ତ ଜାତି ଓ ୨୫% ତପସିଲା ଭୁକ୍ତ ଜନଜାତି ର ଅନ୍ତର୍ଗତ । ସମୁଦାୟ ଜନସଂଖ୍ୟାର ୫୬ ପ୍ରତିଶତ ସାଧାରଣ ଜାତିର ଓ ଅନ୍ୟ ପଛୁଆ ଜାତିର ଅନ୍ତର୍ଭୁକ୍ତ । ସମୁଦାୟ ଜନସଂଖ୍ୟାରୁ ୨୪୩୮୭ ଜଣ ଶିକ୍ଷିତ ଅଟନ୍ତି ଓ ଏହା ସମୁଦାୟ ଜନସଂଖ୍ୟାର ୭୪ ଶତକଡ଼ା ଅଟେ । ସମୁଦାୟ ଶିକ୍ଷିତ ମଧ୍ୟରୁ ୧୪୯୦୩ ଜଣ ପୁରୁଷ ଓ ୫୪୮୪ ଜଣ ମହିଳା ଅଟନ୍ତି ।

ଅଧ୍ୟୟନ ଅଂଚଳର ୨୩୩୯୨ ଜଣ (୩୩%) ରୋଜଗାରକ୍ଷମ ଅଟନ୍ତି । ଏହି ଅଂଚଳରେ ଲୋକଙ୍କ ପାଇଁ ରୋଜଗାରର ସୁଯୋଗ କମ୍ ରହିଛି । ଏହି ଅଂଚଳର ଖଣି ଖନନ ଓ ଶିଳ୍ପ ପ୍ରତିଷ୍ଠାନ ଗୁଡ଼ିକ ଦ୍ୱାରା ଏହାକାର ଲୋକମାନଙ୍କ ପାଇଁ ରୋଜଗାର ର ସୁବିଧା ସୃଷ୍ଟି କରାଯାଇ ପାରିବ । ଏସବୁ ଛଡ଼ା ଲୋକମାନେ ଗୋପାଳନ, ଛେଳି ଓ କୁକୁଡ଼ା ପାଳନ, ଚାଉଳ ଓ ପରିବା ବ୍ୟାପାର କରି ମଧ୍ୟ ଜୀବିକା ଅର୍ଜନ କରିଥାନ୍ତି ।

## ପରିବେଶ ସଂଘାତ ଆକଳନ:

ବର୍ତ୍ତମାନର ପରିବେଶ ସଂଘାତ ଆକଳନ ଏକ ଦ୍ରୁତ ପ୍ରକ୍ରିୟା ଯାହାକି ରାୟଗଡ଼ା ଜିଲ୍ଲାର ବାଲାପାଡୁ ଗ୍ରାମରେ ପ୍ରସ୍ତାବିତ ଖଣି ଉତୋଳନ ଓ ତତ୍ ସଂଲଗ୍ନ କାର୍ଯ୍ୟ ଦ୍ୱାରା ସୃଷ୍ଟି ହେବାକୁ ଥିବା ପରିବେଶ ପ୍ରଦୂଷଣର କାରଣ ଓ ପ୍ରଭାବର ଗଭୀରତାକୁ ଆକଳନ କରୁଅଛି ।

## ଭୂମି ଓ ଭୂମିରୂପ ଉପରେ ପ୍ରଭାବ:

- ଏହି ପଟ୍ଟା ଅଂଚଳରେ ଖଣି ଖନନ, ବର୍ଜ୍ୟବସ୍ତୁ ଗଦାଇବା ଓ ଆନୁସଂଗିକ ଭିତିଭୂମି ନିର୍ମାଣ ଯୋଗୁ ଭୂମି ରୂପର ପରିବର୍ତ୍ତନ ହେବାର ଆଶା କରାଯାଏ । ଖଣି ଅଂଚଳ ମୁଖ୍ୟତଃ ଚାଷ ଅନୁପଯୋଗୀ ଜମି ଅଟେ । ତେଣୁ ଖନନ କାର୍ଯ୍ୟ ଦ୍ୱାରା ଚାଷ ଉପରେ କୌଣସି କୁ ପ୍ରଭାବ ଦେଖାଯିବ ନାହିଁ ।
- ଖନନ ସମୟରେ ଉପର ମୃତ୍ତିକା କୁ ଅଲଗା ରଖାଯାଇ ବୃକ୍ଷରୋପଣ କାର୍ଯ୍ୟରେ ଲଗାଯିବ ।
- ବର୍ଷା ଦ୍ୱାରା ଖଣିରୁ ନିର୍ଗତ ଜଳରେ କେବଳ ଭାସମାନ ତଥା ଦ୍ରବିଭୂତ କଠିନ ପଦାର୍ଥ ର ମାତ୍ରା ବେଶୀ ହେଇପାରେ ।
- ଖଣିରୁ ପ୍ରବାହିତ ଜଳ ପାଖରେ ଥିବା ଚାଷ ଜମି ପାଇଁ ଜଳସେଚନ କାର୍ଯ୍ୟରେ ଲାଗିପାରିବ ।

## ପରିଚାଳନା ଯୋଯନା:

- ଖନନ ସମୟରେ ଉପର ମୃତିକା କୁ ଅଲଗା ରଖାଯାଇ ବୃକ୍ଷରୋପଣ କାର୍ଯ୍ୟରେ ଲଗାଯିବ ।
- ଏହି ଖଣି ରୁ ସମୁଦାୟ ୫୪୫୦୦ ର କ୍ୱାର୍ଜ ଏବଂ କ୍ୱାଜାଇଟ୍ ମିଶ୍ରିତ ମୃତିକା ବାହାରିବ ।
- ସେଥିମଧ୍ୟରୁ ୩୦ ଶତକଡ଼ା ନିର୍ମାଣ ରେ ଲଗାଯିବ ଏବଂ ୨୦ ଶତକଡ଼ା ପ୍ରସର ଥିବା ସ୍ଥାନ କୁ ପଠାଯିବ । ବାକି ପଥର ମିଶ୍ରିତ ମୃତିକା କୁ ଗଦା କରି ତାହା ଉପରେ ବିଭିନ୍ନ ପ୍ରାକାରର ଘାସ ତଥା ଅନ୍ୟାନ୍ୟ ତୃଣ ଲଗାଯିବ ଯାହାଦ୍ୱାରା କି ବର୍ଜ୍ୟବସ୍ତୁ ବର୍ଷାରେ ଧୋଇ ହୋଇଯିବାର କମ୍ ସମ୍ଭାବନା ରହିବ ।

## ପରିବେଷ୍ଟନୀ ବାୟୁ ଉପରେ ପ୍ରଭାବ ଓ ପରିଚାଳନା ଯୋଜନା:

ଖଣି ଖନନ ଓ ତତ୍ ସଂଲଗ୍ନ ଦ୍ୱାରା ବାୟୁ ଉପରେ ପ୍ରଭାବ ପଡ଼ିବାର ସମ୍ଭାବନା ଅଛି । ଏହି ଖଣି ଦ୍ୱାରା ବାୟୁ ଉପରେ ପ୍ରଭାବ ପଡ଼ିବାର କାରଣ ଗୁଡ଼ିକ ହେଲା ଖନନ ପ୍ରକ୍ରିୟା, ବର୍ଜ୍ୟବସ୍ତୁ ପରିବହନ ଇତ୍ୟାଦି ।

- ଧୂଳିକଣା ଜନିତ ପ୍ରଦୂଷଣର ମାତ୍ରା ଖଣି ଉସ୍ ନିକଟରେ ସର୍ବାଧିକ ଓ ଏହାର ମାତ୍ରା ଉସ୍ ଠାରୁ ଦୂରତା ଅନୁସାରେ କମ୍ ହୋଇଥାଏ ।
- ଧୂଳିକଣା ଜନିତ ପ୍ରଦୂଷଣ ର ମାତ୍ରା ଖଣି ଉସ୍ ନିକଟରେ ସର୍ବାଦା ହୋଇଥିବାରୁ ଏହା ଦ୍ୱାରା ପାର୍ଶ୍ୱବର୍ତ୍ତୀ ଜନବସତି ଉପରେ ବିଶେଷ ପ୍ରାଭାବ ପଡ଼ିବ ନାହିଁ ବୋଲି ଆଶା କରାଯାଏ ।
- ମୁଖ୍ୟ ବାୟୁ ପ୍ରଦୂଷଣ ସ୍ଥାନ ଗୁଡ଼ିକ ହେଲା ଖଣି ଖନନ ଗାଡ, ଖଣି ରାସ୍ତା ଇତ୍ୟାଦି । ଭର୍ତି କରିବା ଓ ଖଲାସ କାର୍ଯ୍ୟ ସମୟରେ ଓ ଖଣିର ମଝି ରାସ୍ତା ରେ ଜଳ ସଂଚନ ଦ୍ୱାରା ଭାସମାନ ଧୂଳିକଣାର ପରିମାଣ ହ୍ରାସ କରାଯାଇପାରିବ ।
- ବର୍ଜ୍ୟବସ୍ତୁ ଗଦାରେ ମଧ ଜଳ ସିଂଚନ କରାଯିବ ଓ ତା ଉପରେ ଘାସ ଲାଗାଯିବା ଦ୍ୱାରା ବାୟୁରେ ଭାସମାନ ଧୂଳିକଣାର ପରିମାଣ ହ୍ରାସ କରାଯାଇପାରିବ ।
- ସବୁଜ ବଳୟରେ ଧୂଳିକଣା କୁ ଧରି ରଖିବା ପରି ବୃକ୍ଷରୋପଣ କରାଯିବ ଯଥା ସୁନାରୀ, ଶିମିଳି, ନିମ, ଗଙ୍ଗଶିଉଳୀ, ପିଜୁଳି, ଶାଗୁଆନ ଇତ୍ୟାଦି ।

## ପରିବେଷ୍ଟନୀ ଧ୍ୱନୀ ଉପରେ ପ୍ରଭାବ ଓ ପରିଚାଳନା ଯୋଜନା:

ଖନନ ଅଂଚଳ ଓ ଏହାର ପାରିପାର୍ଶ୍ୱିକ ଅଂଚଳରେ ଦିନ ସମୟ ରେ ଧ୍ୱନୀ ମାତ୍ରା ୫୦.୬ ଡ଼େସିମିଲି ରୁ ୫୨.୨ ଡ଼େସିମିଲି ଓ ରାତ୍ରି ସମୟରେ ଧ୍ୱନୀ ର ମାତ୍ରା ୪୦.୩ ଡ଼େସିମିଲି ରୁ ୪୪.୯ ଡ଼େସିମିଲି ଅଟେ । ଏହି ଖନନ କାର୍ଯ୍ୟ ମାନବୀକୃତ ଭୂଉପରିସ୍ଥ ଖଣି ଖନନ ପଦ୍ଧତି ଦ୍ୱାରା ହୋଇଥାଏ । ଏହି ପ୍ରକ୍ରିୟା ଦ୍ୱାରା ଶବ୍ଦ ପ୍ରଦୂଷଣଣ ମୁଖ୍ୟତଃ ଡ଼ିଜେଲ ଚାଳିତ ଯନ୍ତ୍ରପାତିର ପରିଚାଳନା ଓ ଗାଡ଼ି ମଟର

ଚ଼ାଲିବା ଦ୍ୱାରା ହୋଇଥାଏ । ଶବ୍ଦ ପ୍ରଦୂଷଣର ଏହି କାରଣ ଗୁଡ଼ିକ ସାମୟିକ ଭାବରେ ହୋଇଥାଏ । ଏହାଛଡ଼ା ଖଣିଜ ପଦାର୍ଥର ପରିବହନ ଦ୍ୱାରା କିଛି ମାତ୍ରାରେ ଶବ୍ଦ ପ୍ରଦୂଷଣର ସମ୍ଭାବନା ରହିଛି ।

ଶବ୍ଦ ପ୍ରଦୂଷଣ କମ୍ କରିବା ପାଇଁ ଡ଼ିଜେଲ ଚ଼ାଳିତ ସମସ୍ତ ଯନ୍ତ୍ରପାତି ର ଉପଯୁକ୍ତ ରକ୍ଷଣାବେକ୍ଷଣ କରାଯିବ ଓ ସ୍ଥାୟୀ ଯନ୍ତ୍ରପାତି ଗୁଡ଼ିକୁ ଯେତେଦୂର ସମ୍ଭବ ଆବଦ୍ଧ ସ୍ଥାନରେ ରଖାଯିବାର ବ୍ୟବସ୍ଥା କରାଯିବ । ଅଧିକ ଶବ୍ଦ ସୃଷ୍ଟିକାରୀ ଯନ୍ତ୍ରପାତି ଚାଳକ ଙ୍କ କାନରେ ପ୍ଲଗ ଦିଆଯିବାର ବ୍ୟବସ୍ଥା କରାଯିବ । ଖଣି ଅଂଚଳର ଚତୁଃପାଶ୍ୱରେ ବୃକ୍ଷରୋପଣ କରାଯିବ ଯାହାଦ୍ୱାରାକି ଶବ୍ଦ ପ୍ରଦୂଷଣକୁ ରୋକାଯାଇପାରିବ ।

## ଜଳ ଉପରେ ପ୍ରଭାବ :

ଏହି ଅଂଚଳର ମୁଖ୍ୟ ନଦୀ ଲିଜ୍ ଅଂଚଳ ଠାରୁ ୪୩ କି.ମି ଦୂରରେ ଅବସ୍ଥିତ । ଲଜ ଅଂଚଳ ମଧ୍ୟରେ କୌଣସି ନାଳ ପ୍ରବାହିତ ହେଉନାହିଁ ।

ଏହି ଅଂଚଳର ଭୂତଳ ଜଳ ବର୍ଷା ଋତୁରେ ଭୂପୃଷ୍ଠ ରୁ ୬ ମି. ଗଭୀରତାରେ ଓ ଗ୍ରୀଷ୍ମ ଋତୁରେ ୧୬ ମି. ଗଭୀରତାରେ ରହିଥାଏ । ଖଣି ଖନନ ହୋଇଥିବାରୁ ଏହା ଦ୍ୱାରା ବର୍ଷାଦିନେ ଭୂତଳ ଜଳ ଉପରେ ପ୍ରଭାବ ପଡ଼ିବାର ସମ୍ଭାବନା ନାହିଁ । ସ୍ଥାନୀୟ ଅଂଚଳର ଭୂତଳ ଜଳ ସ୍ତର ଉପରେ ଖଣି ଖନନ ର ପ୍ରଭାବ ଜାଣିବା ପାଇଁ ଏକ ଅନୁଧାନ କରାଯାଇଛି ଓ ତଦ୍‌ନୁଯାୟୀ ପରଚାଳନା ଯୋଜନା ପ୍ରସ୍ତୁତ କରାଯାଇଛି ।

ବର୍ଜ୍ୟବସ୍ତୁ ଗଦା ଗୁଡ଼ିକ ବର୍ଷାଦିନେ ଧୋଇହୋଇଯାଇ ଭୂପୃଷ୍ଠଜଳ ପ୍ରଦୂଷଣ କରିବାର ସମ୍ଭାବନା ରହିଥାଏ । ଖଣି ଖନନ ସ୍ଥାନରେ ମଧ ଗଦା ହୋଇଥିବା ଖଣିଜ ପଦାର୍ଥ ଓ ବର୍ଜ୍ୟବସ୍ତୁ ଧୋଇ ହୋଇଯିବାର ସମ୍ଭାବନା ରହିଥାଏ । ନିମ୍ନଲିଖିତ କାରଣ ଗୁଡ଼ିକ ଦ୍ୱାରା ଭୂପୃଷ୍ଠ ଜଳ ପ୍ରଦୂଷଣ ହୋଇପାରେ :–

- ବର୍ଜ୍ୟବସ୍ତୁ ଗଦା ଗୁଡ଼ିକକୁ ବର୍ଜ୍ୟବସ୍ତୁ ଧୋଇହୋଇଯିବା ଦ୍ୱାରା

- ଗ୍ରିଡ ଓ ଅନ୍ୟାନ୍ୟ ପଦାର୍ଥ ବର୍ଷାଜଳ ସହ ମିଶିବା ଦ୍ୱାରା

ଖଣି ଖନନ ସମୟରେ ଲିଜ ମଧରେ ପ୍ରବାହିତ ନଳାର ଯଥାର୍ଥ କରିଚାଳନା ଯୋଜନା ପ୍ରସ୍ତୁତ କରାଯିବ ଯାହଦ୍ୱାରା କି ନାଳ ଉପରେ କୌଣସି କୁ ପ୍ରଭାବ ପଡ଼ିବ ନାହିଁ ।

ପ୍ରସ୍ତାବିତ ପ୍ରକଳ୍ପରେ ଭୂଉପରିସ୍ଥ ଖଣି ପ୍ରକ୍ରିୟାରେ ଖନନ କରାଯିବ । ବର୍ଜ୍ୟବସ୍ତୁ ବା ଖଣିଜ ଦ୍ରବ୍ୟ ବର୍ଷା ଜଳ ଦ୍ୱାରା ଧୋଇ ହୋଇ ନିକଟବର୍ତ୍ତୀ ଜଳର ଗୁଣକୁ ପ୍ରଭାବିତ କରିବାର ସମ୍ଭାବନା ରହିଛି । ତେଣୁ ନିମ୍ନ ଲିଖିତ ପ୍ରସ୍ତାବ ଗ୍ରହଣ କରାଯିବ :–

- ବର୍ଜ୍ୟବସ୍ତୁ ଗଦାଇବାର ସ୍ଥାନ ଠିକ୍ ଭାବରେ ନିରୂପଣ କରାଯିବ
- ବର୍ଜ୍ୟବସ୍ତୁ ଗଦା ଚାରିପଟରେ ଥିବା ଗାରଲ୍ୟାଣ୍ଡ ନାଳରେ ଛୋଟ ବନ୍ଧର ବ୍ୟବସ୍ଥା କରାଯିବ ଯାହା ଦ୍ୱାରାକି ଭାସି ଯାଉଥିବା ବର୍ଜ୍ୟବସ୍ତୁକୁ ରୋକା ଯାଇପାରିବ ।
- ବର୍ଷାଦିନେ ଗଦାରୁ ଗୋଡ଼ି, ମାଟି, ବର୍ଷାଜଳ ସହ ଧୋଇ ହୋଇ ଚ଼ାଲିଯିବାର ସମ୍ଭାବନା ଥିବାରୁ ଗଦା ଚ଼ାରିପଟେ ଥିବା ନାଳରେ କଣ୍ଡର ବ୍ୟବସ୍ଥା ରହିବା ଯାହାଦ୍ୱାରାକି ଗୋଡ଼ି, ମାଟି ତଳେ ବସିଯିବ ।
- ନାଳରେ ଜଳପ୍ରବାହ ସୁବିଧାଜନକ କରବା ପାଇଁ ଆବଶ୍ୟକ ସ୍ତରରେ ପଥର ବ୍ୟବହାର କରାଯିବ ।
- ନାଳ ଓ କୁଣ୍ଡ କୁ ନିୟମିତ ସଫା କରାଯିବ ।
- ଖଣିରୁ ବାହାରୁଥିବା ପାଣି ଓ ଭୂପୃଷ୍ଠ ଜଳର ନିୟମିତ ପରୀକ୍ଷଣ ସହ ତଥ୍ୟ ଲିପିବଦ୍ଧ କରି ରଖାଯିବ ।

## ବୃକ୍ଷଲତା ଉପରେ ପ୍ରଭାବ ଓ ପରିଚାଳନା ଯୋଜନା :

- ଏହି ଲିଜ ଅଂଚଳରେ କୌଣସି ଜଙ୍ଗଲ ଜମି ନାହିଁ ଓ ଏହା ମୁଖ୍ୟତଃ ଜମି ଅଙ୍କ । ଏହି ଲିଜ ଅଂଚଳ ମଧ୍ୟରେ କିଛି ମାତ୍ରାରେ ତୃଣ, ବୁଦା ଗଛ ରହି ଅଛି । ଏହି ତୃଣ ଓ ବୁଦା ଖନନ ସମୟରେ ଉଚ୍ଛେଦନ କରାଯିବ ।
- ୪୦୦ ସଂଖ୍ୟାର ଚାରା ବୃକ୍ଷରୋପଣ ସଡକ ପାଶ୍ୱରେ ଲଗାଯିବାର ଯୋଜନା ରହିଛି ।

## ସାମାଜିକ ପ୍ରଭାବ ଓ ପରିଚାଳନା ଯୋଜନା :

ପ୍ରକଳ୍ପ କାର୍ଯ୍ୟଦ୍ୱାରା ପ୍ରତ୍ୟେକ୍ଷ ଓ ପରୋକ୍ଷ ସୁଯୋଗ, ଯାତାୟତ ର ସୁବିଧା ଦ୍ୱାରା ସ୍ଥାନୀୟ ଅଂଚଳର ଅର୍ଥନୈତିକ ବିକାଶ ଦ୍ୱାରା ମାନବୀୟ ପରିବେଶ ଉପରେ ଲାଭଜନକ ପ୍ରଭାବ ପଡ଼ିବ ।

## ପର୍ଯ୍ୟାବରଣ ପ୍ରବନ୍ଧ ଯୋଜନା :

ପର୍ଯ୍ୟାବରଣ ପ୍ରଭାବ ମୂଲ୍ୟାଙ୍କନ ପ୍ରକ୍ରିୟାରେ କିଛି ସ୍ଥାନ ଗୁଡ଼ିକର ମୂଲ୍ୟାଙ୍କନ କରାଯାଇଥାଏ । ସମୁଦାୟ ପ୍ରକଳ୍ପ ର ଖର୍ଚ୍ଚ ୩୦ ଲକ୍ଷ ଟଙ୍କା ଧାର୍ଯ୍ୟ କରାଯାଇଅଛି । ପ୍ରତି ବର୍ଷ ଅଧତନ ଖର୍ଚ୍ଚ ଆବଶ୍ୟକତା ଖର୍ଚ୍ଚ ଓ ପର୍ଯ୍ୟାବରଣ ସୁବିଧା ଗୁଡ଼ିକ ପାଇଁ ୩ ଲକ୍ଷ ଏବଂ ଖଣି ଖନନ କରିଯୋଜନା ପାଇଁ ୨୭ ଲକ୍ଷ ଧାର୍ଯ୍ୟ କରାଯାଇଅଛି ।

### ସମାଷ୍ଟିପାତି ପର୍ଯ୍ୟାବରଣ ଦାୟୀତ୍ୱ :

ପର୍ଯ୍ୟାବରଣ, ବନ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରାଳୟ ଅନୁସାରେ ଓ. ଏମ୍ ନମ୍ବର୨୨-୬୫/୨୦୧ I(A) II(M) ଓ ୦୧.୦୫.୨୦୧୮ରିଖ ଦିନ ଏହା ନିର୍ଦ୍ଦେଶ ଦିଆଯାଇଛି ଯେ, ପ୍ରକଳ୍ପ ର ୨ଶତକ ସମାଷ୍ଟିଗତ ପର୍ଯ୍ୟାବରଣ ଦାୟୀତ୍ୱରେ ବିନିଯୋଗ କରାଯିବ । ଯାହା ନିମ୍ନ ତାଲିକାରେ ବିଶ୍ଳେଷଣ କରାଯାଇଅଛି ।

| କ୍ରମିକ ନମ୍ବର | ଗତିବିଧି | ସ୍ଥାନ | ସମୟସୀମା | | | | | ଖର୍ଚ୍ଚ |
|---|---|---|---|---|---|---|---|---|
| | | | ୧ମ | ୨ୟ | ୩ୟ | ୪ୟ | ୫ମ | |
| **(କ)** | **ପ୍ରଦୂଷଣ ନିୟନ୍ତ୍ରଣ ଉପାୟ ଉପଲକ୍ଷେ** | | | | | | | |
| ୧. | ପାଣି ଛିଞ୍ଚାଇବା ଯନ୍ତ୍ର ର ସ୍ଥାପନା | ପଟ୍ଟା କ୍ଷେତ୍ର ଏବଂ ଅନ୍ୟ ପାଖ ସ୍ଥାନ | | | | | | ୪୦, ୦୦୦.୦୦ |
| ୨. | ଗାରଲ୍ୟାଣ୍ଡ ଡ୍ରେନ ଏବଂ ଇଟେନିଙ୍ଗ ୱାଲ | ପଟ୍ଟା କ୍ଷେତ୍ର | | | | | | |
| ୩. | ଗ୍ରାମମାନଙ୍କ ସଡକରେ ଟ୍ୟାଙ୍କ ଦ୍ୱାରା ଜଳ ଛିଞ୍ଚାଇବା | ସ୍ଥାନୀୟ ଗ୍ରାମ | | | | | | ୪୦,୦୦୦.୦୦ |
| ୪ | ସୁରକ୍ଷା କ୍ଷେତ୍ରରେ ବୃକ୍ଷ ରୋପଣ | ପଟ୍ଟା ଅଂଚଳ | | | | | | ୪୦,୦୦୦.୦୦ |
| ୫ | ପଟ୍ଟା ଅଂଚଳକୁ ସଂଯୋଗ କରୁଥିବା ସଡକରେ ବକ୍ଷ ରେପଣ | ରାଜସ୍ୱ ବୃକ୍ଷରୋପଣ | | | | | | ୩୦,୦୦୦.୦୦ |
| ୬ | ବର୍ଷାଜଳ ସଂଗ୍ରହ | ପଟ୍ଟା ଅଂଚଳ | | | | | | |
| **(ଖ)** | **ପରିଧୀୟ ବିକାଶ ଉପଲକ୍ଷେ** | | | | | | | |
| ୧ | ବ୍ୟକ୍ତିଗତ ପଟ୍ଟା ଅଂଚଳକୁ ସଂଯୋଗ କରୁଥିବା ସଡକର ବିକାଶ | ଆଖପାଖ ଗ୍ରାମ ଗୁଡିକରେ | | | | | | ୧,୫୦,୦୦୦.୦୦ |
| ୨ | ଆଖ ପାଖ ଗ୍ରାମର ଯୁବକ ଙ୍କୁ ପ୍ରାଥମିକତା ସହିତ ସ୍ଥାନୀୟ ଲୋକଙ୍କ ପାଇଁ କର୍ମଚାରୀର ଅବସର | ଆଖପାଖ ଗ୍ରାମ | | | | | | ନିୟମ ଅନୁସାରେ |
| ୩ | ସୌର ସଡ଼କ ବିଦ୍ୟୁତର ସ୍ଥାପନା | ସ୍ଥାନୀୟ ଗ୍ରାମ | | | | | | ୧,୦୦,୦୦୦.୦୦ |

# ଗ୍ରୀନ ସର୍କଲ, ଆଇ.ଏନ୍.ସି

ନାବେଟ/ଇଆଇଏ/୨୪-୨୭/ଆଇଏ୦୧୩୮
ଭଦୋଦରା – ୩୯୦୦୨୧; ଗୁଜରାଟ